# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**25 July – 2025**

**News Editor : Itishree Singh Rathaur**

*********************************

## ମୁଖ୍ୟ ସମ୍ବାଦ

- ବୟନଶିଳ୍ପ କ୍ଷେତ୍ରରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ନିଯୁକ୍ତି ସୃଷ୍ଟି ହେବ; ଓଡ଼ିଶା ଟେକ୍ସ ସମ୍ମିଳନୀକୁ ଉଦ୍‌ଘାଟନ କରି କହିଲେ, ମୁଖ୍ୟମନ୍ତ୍ରୀ

— ଶିଳ୍ପ ସମ୍ମିଳନୀରେ ୩୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ; ବୁଣାକାର ଶ୍ରମିକଙ୍କ ଭତ୍ତା ବୃଦ୍ଧି ଘୋଷଣା

- ରାଜ୍ୟରେ ଜବ୍‌କାର୍ଡଧାରୀଙ୍କୁ ଆସନ୍ତା ୩ ମାସ ମଧ୍ୟରେ ଇ-କେୱାଇସି କରାଇବା ବାଧ୍ୟତାମୂଳକ

- ଦେଶରେ ଆସନ୍ତା ମାସ ପହିଲାରୁ କାର୍ଯ୍ୟକାରୀ ହେବ ପିଏମ ବିକଶିତ ଭାରତ ରୋଜଗାର ଯୋଜନା

ଏବଂ

- ଲଘୁଚାପର ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ଏସ୍‌ଆରସିଙ୍କ ପକ୍ଷରୁ ସମସ୍ତ ଜିଲ୍ଲାପାଳମାନଙ୍କୁ ସତର୍କ ରହିବାକୁ ପରାମର୍ଶ

## ମୁଖ୍ୟମନ୍ତ୍ରୀ-ଓଡ଼ିଶା ଟେକ୍ସ

ରାଜ୍ୟରେ ଆସନ୍ତା ୧୦ ବର୍ଷରେ ବୟନଶିଳ୍ପ କ୍ଷେତ୍ରରେ ଆଗାମୀ ଦିନରେ ୫ ଲକ୍ଷରୁ ଉର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନରେ ଓଡ଼ିଶା ଟେକ୍ସ-୨୦୨୫ ଶିଳ୍ପ ସମ୍ମିଳନୀ ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାକୁ କଳା, ସଂସ୍କୃତି ଓ ପରିଧାନ କ୍ଷେତ୍ରରେ ବିଶ୍ୱସ୍ତରରେ ପରିଚିତ କରାଇବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ରାଜ୍ୟର ବସ୍ତ୍ରକୁ ସମଗ୍ର ଦେଶରେ ପହଞ୍ଚାଇବା ଲାଗି ସମସ୍ତ ସରକାରୀ କର୍ମଚାରୀଙ୍କୁ ସପ୍ତାହକୁ ଗୋଟିଏ ଦିନ ଓଡ଼ିଶାରେ ପ୍ରସ୍ତୁତ ପୋଷାକକୁ ପରିଧାନ ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

**- V/O -(CM)**

ମୁଖ୍ୟମନ୍ତ୍ରୀ ଆଜି ୬ଟି ବୟନଶିଳ୍ପ ପାର୍କର ଉଦ୍‌ଘାଟନ କରିବା ସହ ୩୩ଟି ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଏହା କାର୍ଯ୍ୟକାରୀ ହେବା ଦ୍ୱାରା ରାଜ୍ୟରେ ୭ ହଜାର ୮୦୮ କୋଟି ଟଙ୍କାର ନିବେଶ ଆସିବା ସହ ୫୩ ହଜାରରୁ ଉର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ ଏହି ଅବସରରେ ବୁଣାକାର ଶ୍ରମିକଙ୍କ ଭତ୍ତା ବୃଦ୍ଧି କରିଛନ୍ତି। ଏହାସହ ରାଜ୍ୟରେ ଆଉ ୫ଟି ବୟନଶିଳ୍ପ ପାର୍କ ପ୍ରତିଷ୍ଠା ନେଇ ଘୋଷଣା କରିଛନ୍ତି।

କାର୍ଯ୍ୟକ୍ରମରେ ରାଜ୍ୟର ଆଇ.ପି.ଆର୍. ନୀତି-୨୦୨୨ ଏବଂ ଶିଳ୍ପ ଅନୁକୂଳ ଭିତ୍ତିଭୂମି ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯାଇଛି।

## ଉପରାଷ୍ଟ୍ରପତି ନିର୍ବାଚନ

ଦେଶର ପରବର୍ତ୍ତୀ ଉପରାଷ୍ଟ୍ରପତି ଚୟନ ପାଇଁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ନେଇ ଆଜି ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ରିଟର୍ଣ୍ଣିଂ ଅଧିକାରୀ ଏବଂ ସହାୟକ ରିଟର୍ଣ୍ଣିଂ ଅଧିକାରୀମାନଙ୍କୁ ନିଯୁକ୍ତି ଦିଆଯାଇଛି। ନିୟମ ଅନୁସାରେ ଏବଂ ରାଜ୍ୟସଭାର ଉପାଧ୍ୟକ୍ଷଙ୍କ ଅନୁମତି ପରେ ରାଜ୍ୟସଭାର ମହାସଚିବଙ୍କୁ ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ରିଟର୍ଣ୍ଣିଂ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ରାଜ୍ୟସଭା ସଚିବାଳୟର ଯୁଗ୍ମ ସଚିବ ଏବଂ ନିର୍ଦ୍ଦେଶକଙ୍କୁ ସହାୟକ ରିଟର୍ଣ୍ଣିଂ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି।

## ସଂସଦ ମୁଲତବୀ

ସଂସଦରେ ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଉଭୟ ସଦନକୁ ଆଜି ପାଇଁ ମୁଲତବୀ ରଖାଯାଇଛି। ଆସନ୍ତା ସୋମବାର ଦିନ ପୁଣି ଥରେ ସଂସଦ ଅଧିବେଶନ ଚାଲିବ।

ପୂର୍ବାହ୍ଣ ୧୧ଟାରେ ଲୋକସଭାର କାର୍ଯ୍ୟ ଆରମ୍ଭ ହେବା ମାତ୍ରକେ କାରଗିଲ ବିଜୟ ଦିବସ ପାଳନ ପୂର୍ବରୁ ଆଜି ସହିଦ୍‌ମାନଙ୍କୁ ଗୃହରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବାଚସ୍ପତି ଓମ୍ ବିର୍ଲା ପ୍ରଶ୍ନକାଳ ଆରମ୍ଭ କରିବାମାତ୍ରକେ ବିରୋଧୀ ଦଳର ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ।

ରାଜ୍ୟସଭାରେ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗୃହର ଅଧ୍ୟକ୍ଷତା କରୁଥିବା ଘନଶ୍ୟାମ ତିୱାରୀ ପ୍ରଶ୍ନକାଳ ଆରମ୍ଭ କରିଥିଲେ। ଏହି ସମୟରେ ବିରୋଧୀ ଦଳର ସଦସ୍ୟମାନେ ବିଭିନ୍ନ ଦାବି ଉପସ୍ଥାପନ କରି ହଟ୍ଟଗୋଳ କରିଥିଲେ। ଏହାପରେ ଗୃହକାର୍ଯ୍ୟକୁ ପ୍ରଥମେ ମଧ୍ୟାହ୍ନ ୧୨ଟା ଏବଂ ପରେ ଆଜିପାଇଁ ମୁଲତବୀ ଘୋଷଣା କରାଯାଇଥିଲା।

## ନକଲୀ ଜବ୍‌କାର୍ଡଧାରୀ

ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଜବ୍‌କାର୍ଡଧାରୀଙ୍କୁ ଆସନ୍ତା ୩ ମାସ ମଧ୍ୟରେ ଇ-କେୱାଇସି କରିବାକୁ ହେବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ କହିଛନ୍ତି। ନକଲୀ ଜବ୍‌କାର୍ଡଧାରୀଙ୍କୁ ଚିହ୍ନଟ କରିବା ପାଇଁ ଇ-କେୱାଇସି ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକ ନକଲୀ ଜବ୍‌କାର୍ଡଧାରୀଙ୍କୁ ଚିହ୍ନଟ କରାଯାଇଥିବା ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି। ଆସନ୍ତା ୩ ମାସ

ମଧ୍ୟରେ ଇ-କେଓ୍ୱାଇସି ନ କଲେ ଜବ୍‌କାର୍ଡ ରଦ୍ଦ ହେବ ବୋଲି ମନ୍ତ୍ରୀ କହିଛନ୍ତି।

୨୦୨୪-୨୫ ଆର୍ଥିକବର୍ଷରେ ରାଜ୍ୟରେ ୭ ହଜାର ୫୬୬ଟି ନକଲୀ ଜବ୍‌କାର୍ଡ ଚିହ୍ନଟ ହୋଇଥିଲା। ଏହିସବୁ ନକଲୀ କାର୍ଡଗୁଡ଼ିକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବାତିଲ କରି ଦିଆଯାଇଥିବା କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ କମଲେଶ ପାଶଓ୍ୱାନ୍ ଲୋକସଭାରେ ଲିଖିତ ଭାବେ ଜଣାଇଥିଲେ।

## ପିଏମ-ଭାରତ ରୋଜଗାର ଯୋଜନା

ଦେଶରେ ଆସନ୍ତା ମାସ ପହିଲାରୁ ପିଏମ୍ ବିକଶିତ ଭାରତ ରୋଜଗାର ଯୋଜନା କାର୍ଯ୍ୟକାରୀ ହେବ। ଦେଶରେ ନିରନ୍ତର ନିଯୁକ୍ତି ସୃଷ୍ଟି କରିବାର କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତାକୁ ଏହି ଯୋଜନା ପ୍ରତିଫଳିତ କରୁଛି। ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଏହି ଯୋଜନାକୁ ଅନୁମୋଦନ ମିଳିଥିଲା। ଏଥିପାଇଁ ୯୯ ହଜାର ୪୪୬ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ରୋଜଗାର ଯୋଜନା ମାଧ୍ୟମରେ ଆସନ୍ତା ୨ ବର୍ଷ ମଧ୍ୟରେ ଦେଶରେ ପ୍ରାୟ ସାଢ଼େ ୩ କୋଟି ରୋଜଗାର ସୃଷ୍ଟି କରିବାର ଲକ୍ଷ୍ୟ ରଖାଯାଇଛି।

## ଏମ୍‌ଆଇବି-ବ୍ଲକିଂ

ଦେଶରେ ଅଶ୍ଳୀଳତାର ପ୍ରଚାର ପ୍ରସାର କରୁଥିବା ୨୫ଟି ୱେବ୍‌ସାଇଟ୍ ଏବଂ ଆପ୍‌କୁ ବନ୍ଦ କରିବା ଲାଗି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ସୂଚନା ପ୍ରଯୁକ୍ତି ବିଦ୍ୟା ଆଇନର ଧାରା ଅନୁଯାୟୀ ଏହି ନିଷ୍ପତ୍ତି ନିଆଯାଇଛି । ଭାରତୀୟ ନ୍ୟାୟ ସଂହିତାର ଧାରା ୨୯୪କୁ ଉଲ୍ଲଂଘନ କରୁଥିବା ଅଭିଯୋଗରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ।

## ଆଉଟ୍‌ସୋର୍ସିଂ ନିଯୁକ୍ତି

ଅର୍ଥବିଭାଗର ବିନା ଅନୁମତିରେ ଆଉଟ୍‌ସୋର୍ସିଂ ନିଯୁକ୍ତି ହୋଇପାରିବ ନାହିଁ ବୋଲି ବିଭାଗ ପକ୍ଷରୁ ସବୁ ବିଭାଗକୁ ଚିଠି ମାଧ୍ୟମରେ ନିର୍ଦ୍ଦେଶନାମା ଜାରି କରାଯାଇଛି। ପୂର୍ବରୁ ମଞ୍ଜୁରୀ ଥିଲେ ନବୀକରଣ ପର୍ଯ୍ୟାୟରେ ଅନୁମତି ଆବଶ୍ୟକ। ପୂର୍ବ ମଞ୍ଜୁରୀ ସଂଖ୍ୟାଠାରୁ ଅତିରିକ୍ତ କର୍ମଚାରୀଙ୍କ ପାଇଁ ଅନୁମତି ଜରୁରୀ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ସୁଧମୁକ୍ତ ଋଣ

**ଗଜପତି** ଜିଲ୍ଲାରେ କ୍ଷୁଦ୍ର ଶିଳ୍ପ ସ୍ଥାପନ ପାଇଁ ଆଶାୟୀ ଯୁବକ-ଯୁବତୀମାନଙ୍କୁ ଆଜି ୧ ଲକ୍ଷ ଟଙ୍କା ସୁଧମୁକ୍ତ ଋଣ ପ୍ରଦାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ଦକ୍ଷତାବିକାଶ ଓ ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ଦୁଇଦିନିଆ ସାକ୍ଷାତକାର ଏବଂ ପ୍ରମାଣପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି।

## ବିଦ୍ୟାଳୟ

**ନବରଙ୍ଗପୁର** ଜିଲ୍ଲାର ବିଭନ୍ନ ବ୍ଲକର ୧୫ଟି ବିଦ୍ୟାଳୟକୁ ଉଚ୍ଚମାଧମିକ ବିଦ୍ୟାଳୟରେ ଉନ୍ନୀତ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହାଦ୍ୱାରା ଯୁକ୍ତଦୁଇ ପାଠପଢ଼ାରୁ ବଞ୍ଚିତ ହେଉଥିବା ପିଲାମାନେ ନିକଟସ୍ଥ ବିଦ୍ୟାଳୟରେ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀରେ ଶିକ୍ଷାଲାଭ କରିପାରିବେ।

# ବାର୍ଡ଼ ଫ୍ଲୁ

ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ମୁଣ୍ଡାଆମ୍ବ ଗ୍ରାମରେ ବାର୍ଡ଼ ଫ୍ଲୁ ଚିହ୍ନଟ ହୋଇଛି । ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ତୁରନ୍ତ ସ୍ଥାନୀୟ କୁକୁଡ଼ା ଫାର୍ମଗୁଡ଼ିକରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ୪ ହଜାର ୫୦୭ଟି କୁକୁଡ଼ାଙ୍କୁ ମାରି ପୋତି ଦିଆଯାଇଛି ।  ବାର୍ଡଫ୍ଲୁ ସନ୍ଦେହରେ ଆଜି ୭ଶହରୁ ଊର୍ଦ୍ଧ୍ୱ ବତକଙ୍କୁ ମାରି ଦିଆଯାଇଛି। ଏହାସହ ୬ ମାସ ପର୍ଯ୍ୟନ୍ତ କୁକୁଡା କିମ୍ବା ବତକ ନ ରଖିବା ପାଇଁ ଚାଷୀ ତଥା ବ୍ୟବସାୟୀମାନଙ୍କୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବାର୍ଡ଼ ଫ୍ଲୁ ସଂକ୍ରମଣ ନେଇ ଜନ ସଚେତନତା ବୃଦ୍ଧି ଲକ୍ଷ୍ୟରେ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି ।

# ଦୁର୍ଘଟଣା

କଟକରୁ ବଲାଙ୍ଗିର ଅଭିମୁଖେ ଯାତ୍ରା କରୁଥିବା ଏକ ଘରୋଇ ବସ୍ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୧୭ରୁ ଅଧିକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣ ଗୁରୁତର ଅଛନ୍ତି। ଦୁର୍ଘଟଣାଟି ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ସରିଗଣ୍ଡା ଛକ ନିକଟରେ ଘଟିଛି। ପୁଲିସ୍ ମାମଲାର ତଦନ୍ତ କରୁଛି।

## ପାଣିପାଗ

ଉତ୍ତର-ବଙ୍ଗୋପସାଗରରେ ସକ୍ରିୟ ଲଘୁଚାପ କ୍ଷେତ୍ର ଧୀରେ ଧୀରେ ଘନୀଭୂତ ହେବାରେ ଲାଗିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆଜିସୁଦ୍ଧା ଏହା ସ୍ୱଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି। ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏ ସମ୍ପର୍କରେ ଶୁଣନ୍ତୁ ଏକ ରିପୋର୍ଟ.....

ରାଜ୍ୟରେ ଲଗାଣ ବର୍ଷା ହେବାର ଆଶଙ୍କା ରହିଛି। ଏ ନେଇ ଏସ୍‌ଆରସିଙ୍କ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି। ଅତି ପ୍ରବଳ ବର୍ଷା ହେବା ନେଇ ମୟୂରଭଞ୍ଜ, କେନ୍ଦୁଝର ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।  ସେହିପରି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ୨୮ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତା ୩ ଦିନ ପର୍ଯ୍ୟନ୍ତ ସମୁଦ୍ରକୁ ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି।

ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ରାଜ୍ୟରେ ଥିବା ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପାଇବାର ଆଶଙ୍କା ଥିବା ଜଳସଂପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର

ପାତ୍ରୀ କହିଛନ୍ତି । । ତଳିଆ ଅଞ୍ଚଳରେ ଅଧିକ ପାଣି ଜମିବା ନେଇ ସତର୍କତା ଜାରି କରାଯାଇଛି ।

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଆଜି ମଧ୍ୟାହ୍ନ ୧୨ଟା ସୁଦ୍ଧା ୬୦୯ ଦଶମିକ ୩/୩ ଫୁଟ ରହିଛି । ପ୍ରତି ସେକେଣ୍ଡ୍‌ରେ ଜଳଭଣ୍ଡାର ମଧ୍ୟକୁ ୨ ଲକ୍ଷ ୨୬ ହଜାର ୧୫୧ ଘନଫୁଟ ଜଳ ପ୍ରବେଶ କରୁଛି । ଏହାସହ ୧୬ଟି ଗେଟ୍ ଦେଇ ୨ ଲକ୍ଷ ୧୧ ହଜାର ୧୫୩ ଘନଫୁଟ ଜଳ ନିଷ୍କାସିତ ହେଉଛି ।

ଆକାଶବାଣୀ, କଟକ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣୀଆ

## ଚାରାରୋପଣ କାର୍ଯ୍ୟକ୍ରମ

**ଭଦ୍ରକ** ଜିଲ୍ଲା ମଠସାହି ଶ୍ରୀଗୋପାଳଜୀଉ ଉଚ୍ଚବିଦ୍ୟାଳୟରେ ‘ମା’ ପାଇଁ ଗଛଟିଏ’ ଅଭିଯାନରେ ଆଜି ଚାରାରୋପଣ କରାଯାଇଛି । ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଯୋଗଦେଇ ବିଦ୍ୟାଳୟ ପରିସରରେ ପରିବେଶ ସୁରକ୍ଷା ପାଇଁ ଚାରାରୋପଣ କରିଥିଲେ ।

ବଲାଙ୍ଗିର ଜିଲ୍ଲା ପଥରଚେପାସ୍ଥିତ ଆଦର୍ଶ ବିଦ୍ୟାଳୟ ପରିସରରେ ସହରାଞ୍ଚଳ ପଣ୍ଡରା ସମାଜ ପକ୍ଷରୁ ଚାରାରୋପଣ କରାଯାଇଛି । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ, କର୍ମଚାରୀ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ପରିସରରେ ବିଭିନ୍ନ ଔଷଧୀୟ ଫଳ ତଥା ଛାୟା ବୃକ୍ଷ ଚାରା ରୋପଣ କରିଥିଲେ ।